Shibun Gouda
Senior Runner up 1
Saraswati Sishu Vidya Mandir, Digapahandi
Berhampur



## "ଡିଜିଟାଲ୍ ଟେକ୍ନୋଲୋଜୀ: କିପରି ଏହା ଆପଣଙ୍କ ଜୀବନରେ ସୁଧାର ଆଣିଥାଏ? ଆପଣଙ୍କ ମତରେ ଦେଷ ଓ ନାଗରିକଙ୍କ ବିକାଶ ପାଇଁ ଜିଡିଟାଲ୍ ଟେକ୍ନୋଲୋଜୀ କିପରି ହେବା ଉିଚତ?"

ଆମ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ଦାମୋଦର ମୋଦି ଆମ ଦେଶକୁ ଏକ ଡିଜିଟାଲ ଦେଶରେ ପରିଣତ କରିବା ପାଇଁ ସ୍ୱପ୍ନ ଦେଖିଥିଲେ । ଏଥିଯୋଗୁଁ କେନ୍ଦ୍ରୀୟ ସୂଚନା ସଞ୍ଚାର ଅଧିକାରୀ ଶ୍ରୀ ରବି ଶଙ୍କର ଦାସ ତା – ୨୬.୦୮.୨୦୧୪ ରିଖ ଦିନ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ର IT ସଚିବ ଏବଂ ମନ୍ତ୍ରୀ ମାନଙ୍କୁ ନେଇ ଏକ ବୈଠକ କରିଥିଲେ ଯେଉଁଥିରେ ଡିଜିଟାଲ ଇଣ୍ଡିଆ ବିଷୟରେ ଆଲୋଚନା କରାଯାଇଥିଲା । ଏହାକୁ ୧୦ ଟି ରାଜ୍ୟ ସମ୍ମତି ପ୍ରଦାନ କରିଥିଲେ । ଏହି ଯୋଜନା ଜୁଲାଇ ୧ ତାରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦିଲ୍ଲୀ ସ୍ଥିତ ଇନ୍ଦିରାଗାନ୍ଧୀ ଇଣ୍ଡୋର ଷ୍ଟାଡିୟମ୍ ରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆମ ଦେଶରେ ହାର୍ଡୱେର ଓ ସଫ୍ଟୱେର ର ରପ୍ତାନୀ ଏବଂ ଘରେଇ ବଜାରରେ ଅନେକ ଟେକ୍ନୋଲଜି ଭିତ୍ତିକ ସେବା ଉପସ୍ଥାପାନ ହୋଇପାରିବ । ଏଥି ନିମନ୍ତେ ସଂସଦରେ ବଜେଟ୍ ଉପସ୍ଥାପନା ସମୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ମାନ୍ୟବର ଅରୁଣ ଜେଟ୍ଲୀ ସଫ୍ଟୱେର ଉତ୍ପାଦକୁ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ । ଏହି ଯୋଜନା ଆଗାମୀ ୨୦୧୮ ମସିହା ପର୍ଯ୍ୟନ୍ତ ଲୁ ରହିବ । ଏହି କାର୍ଯ୍ୟକ୍ରମରେ ୧୦୦.୦୦୦ କୋଟି ଖର୍ଚ୍ଚର ବଜେଟ୍ ରହିଛି । ବର୍ତ୍ତମାନ ସୁଦ୍ଧା ୧୩୦୦୦ ଖର୍ଚ୍ଚ ହୋଇପାରିଛି । ଏହି କାର୍ଯ୍ୟକ୍ରମ ର ଲକ୍ଷ୍ୟ ହେଲା ଭାରତକୁ ଏକ ଡିଜିଟାଲ ଦେଶରେ ପରିଣତ କରିବ । ତେଣୁ ଜୁଲାଇ ୧ ରୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ଡିଜିଟାଲ୍ ସପ୍ତାହ ପାଳନ ପାଳନ କରାଗଲା । ନିମ୍ନରେ ଡିଜିଟାଲ ଇଣ୍ଡିଆ କିପରି ଆମ ଜୀବନ ଉପରେ ସୁଧାର ଆଣିବ ସେହି ବିଷୟରେ ଆଲୋକ ପାତ ହୋଇଛି । ଯଥା :- ୧. ଡିଜିଟାଲ ଲକର ବ୍ୟବହାର ଫଳରେ ବିଭିନ୍ନ ଅଫିସ୍ ମାନଙ୍କରେ ଥବା ଗଦା ଗଦା କାଗଜ ପତ୍ରର କାର୍ଯ୍ୟ ଅଳ୍ପ ସମୟ ମଧ୍ୟରେ ଅଳ୍ପ ଲୋକ ବିନିମୟରେ ହୋଇପାରିବ ୨. ଅନଲାଇନ୍ ସାହାଯ୍ୟରେ ଲୋକ ବିଭିନ୍ନ ସ୍ଥାନରେ ଥାଇ ମଧ୍ୟ ବିଭିନ୍ନ Certificate ଓ Documents ରେ ଦସ୍ତଖତ ଓ କାର୍ଯ୍ୟ ହୋଇପାରିବ । ୩. ପ୍ରଭାବୀ ଅନ୍‌ଲାଇନ୍ ରେ ଡୁ, ଡିସ୍‌କସ୍, ଡିସେମିନେଟ୍ ରେ କାର୍ଯ୍ୟ କରିପାରିବେ । ୪. ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ ଡାକ୍ତର ମାନଙ୍କ ନିଯୁକ୍ତି, fee ପୈଠ, ଅନ୍‌ଲାଇନ୍ ଡାଇଗ୍ନୋଷ୍ଟିକ୍ ଟେଷ୍ଟ ବ୍ଲଡ୍ ଟେଷ୍ଟ ଆଦି କାର୍ଯ୍ୟମାନ ଇ. ହସ୍‌ପିଟାଲ୍ ସିଷ୍ଟମ୍ ମାଧ୍ୟମରେ ବିଭିନ୍ନ ସେବା ସଂସ୍ଥା ଗୁଡିକରେ ହୋଇଥାଏ । ୫. ନେସ୍‌ନାଲ୍ ସ୍କୋଲାସିପ୍ ପୋର୍ଟଲ୍ ଦ୍ୱାରା ବେନିଫିସିଆଲି ମାନଙ୍କ ଯୋଗ୍ୟତା, ସଂଶୋଧନ, ଆପ୍ଲିକେଶନ୍ ର ବ୍ୟବସ୍ଥା । ୬. ଭାରତୀୟ Net programme ଯାହାକି ଏକ high speed digital high way ପ୍ରାୟ ୨୫୦.୦୦୦ ଗ୍ରାମପଞ୍ଚାୟତକୁ ସଂଯୋଗ କରିବ । ୭. ଆଉଟସର୍ସିଙ୍ଗ ପଲିସି ଡିଜିଟାଲ୍ ଇଣ୍ଡିଆକୁ ସାହାଯ୍ୟ କରିବ । ମୋବାଇଲ୍ ଉପରେ ଲନ୍‌ଲାଇନ୍ ସେବା ଯଥା :- Voice, Data, Multimedia ଇତ୍ୟାଦିର ସୁବ୍ୟବସ୍ଥା ଫଳରେ ଲୋକ ମାନଙ୍କର ବହୁତ ଉପକାର ହେବ । ସମଗ୍ର ଭାରତରେ BSNL ଦ୍ୱାରା ଯୋଜନା କରାଯାଇଥିବା Wi – fi hotspot ବହୁଳ ଭାବରେ ବ୍ୟବହାର ହେବ । ଡିଜିଟାଲ୍ ଇଣ୍ଡିଆ ଦ୍ୱାରା ଆରମ୍ଭ କରାଯାଇଥିବା ଅନ୍‌ଲାଇନ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଓ ଇଣ୍ଟରନେଟ୍ ସଂଯୋଗ ଏକ ସେବା ବ୍ୟବସ୍ଥା ।

ଡିଜିଟାଲ୍ ଇଣ୍ଡିଆର ୯ଟି ମୁଖ୍ୟ ସ୍ତମ୍ଭ :- ୧. ବ୍ରଡବ୍ୟାଣ୍ଡ ହାଇରେଞ୍ଜ ୨. ସବୁଠାରେ ସ୍ମାର୍ଟ ଫୋନ୍‌ର ସୁବିଧା ୩. ଗ୍ରାମାଞ୍ଚଳରେ ହାଇସ୍ପିଡ୍ ଇଣ୍ଟରନେଟ୍ ବ୍ୟବସ୍ଥା ୪. ଇ – କ୍ରାନ୍ତି, ଇ - ପ୍ରଶାସନ ସମସ୍ତଙ୍କ ପାଇଁ ସୂଚନା ୫. ଇଲୋକ୍ଟ୍ରନିକ୍ସ୍ ନିର୍ମାଣ ୬. ଶୀଘ୍ର ଫଳାଫଳ ମିଳିବାର କାର୍ଯ୍ୟକ୍ରମ ୭. ଡିଜିଟାଲ ବିଶିଷ୍ଟ ନାଗରିକ ୮. IT ସର୍ଭିସେସ୍ ୯. ଇ.ଗର୍ଭନେନ୍ସ

Rural internet must connect users to uririesers finance and the overall economy.

Vijay shekhar Sharma

ଏହିକାର୍ଯ୍ୟ କ୍ରମକୁ ସଫଳ ରୂପାୟନ କରିବାରେ ଆମର ଆଗ୍ରହ ରହିବା ଆବଶ୍ୟକ । ଡିଜିଟାଲ ଇଣ୍ଡିଆର ୩ଟି ମୁଖ୍ୟ ଅଂଶ :- ଡିଜିଟାଲ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚ ସୃଷ୍ଟି, ଡିଜିଟାଲ୍ ସେବା ପ୍ରଦାନ, ଡିଜିଟାଲ୍ ଶିକ୍ଷା । ସମଗ୍ର ଭାରତରେ ଡିଜିଟାଲ୍ ଶିକ୍ଷା ପ୍ରଦାନ ଦ୍ୱାରା ଆମ ଦେଶ ଏକ ବିକାଶଶୀଳ ରାଷ୍ଟ୍ରରେ ପରିଣତ ହେବ ।

Don’t think of the internet as a service it is a platform on which a what range of innovation can be launched.

Saiyan Gajwani

ଏହି କାର୍ଯ୍ୟକ୍ରମରେ ଆମର ମୁଖ୍ୟ ଅଂଶ ଗ୍ରହଣ କରିବା ଉଚିତ୍ ।